## ସଂକ୍ଷେପରେ

### ବିଜେଡି ଏମ୍‌ପି ପ୍ରାର୍ଥୀ ଦୌଡ଼ରେ ୨ ବିଧାୟକଙ୍କ ସ୍ତ୍ରୀ ଚର୍ଚ୍ଚା

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳ ଲୋକ ସଭା ଆସନ ପାଇଁ ବର୍ତ୍ତମାନ ସୁଦ୍ଧା ବିଜେଡି ପ୍ରାର୍ଥୀ ଚୟନ ଚୂଡ଼ାନ୍ତ ହୋଇପାରୁନି। ନାମାଙ୍କନ ଦାଖଲକୁ ଆଉ ମାତ୍ର ୩ ଦିନ ଥିବାବେଳେ ଏହା ଏବେ ଦଳୀୟ କର୍ମୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏମ୍‌ପି ପ୍ରାର୍ଥୀ ଦୌଡ଼ରେ ଢେଙ୍କାନାଳ ବିଧାୟକ ସରୋଜ କୁମାର ସାମଲଙ୍କ ସ୍ତ୍ରୀ ଏବଂ ପାଲଲହଡ଼ା ବିଧାୟକ ମହେଶ ସାହୁଙ୍କ ସ୍ତ୍ରୀଙ୍କ ନାମ ଚର୍ଚ୍ଚାରେ ରହିଛି। ଏହାକୁ ନେଇ ଦଳୀୟ ନେତୃବୃନ୍ଦଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଏଠାରୁ ଦଳ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବା ସମ୍ଭାବନା ଦେଖାଦେଇଛି। ଦିନେ ଦୁଇଦିନ ମଧ୍ୟରେ ପ୍ରାର୍ଥୀ ଚୟନ ହୋଇପାରେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ବିଧାୟକ ସରୋଜ କୁମାର ସାମଲଙ୍କୁ ଚଳିତ ନିର୍ବାଚନରେ ବିଧାନସଭା ଟିକେଟ୍ ଦିଆଯାଇନାହିଁ। ସେହିପରି ପାଲଲହଡ଼ା ଆସନକୁ ଦଳ ଝୁଲାଇ ରଖିଛି।

### ସରୋଜଙ୍କୁ ଟିକେଟ ପ୍ରଦାନ ଦାବି

**ଢେଙ୍କାନାଳ ଅଫିସ,୧।୪**

ଚଳିତ ନିର୍ବାଚନରେ ଢେଙ୍କାନାଳ ବିଧାୟକ ସରୋଜ କୁମାର ସାମଲଙ୍କ ସ୍ଥାନରେ ସୁଧୀର କୁମାର ସାମଲଙ୍କୁ ବିଜେଡି ବିଧାୟକ ଟିକେଟ ଦେଇଛି। ଏହାକୁ ନେଇ ସରୋଜଙ୍କ ସମର୍ଥକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ପୁନର୍ବିଚାର କରିବା କିମ୍ବା ତାଙ୍କୁ ଲୋକ ସଭା ଆସନରୁ ପ୍ରାର୍ଥୀ କରାଇବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ସୋମବାର କାଇମାଟି ଗ୍ରାମ କମିଟି ସଦସ୍ୟ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ସୋମବାର ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ସଭାପତିଙ୍କୁ ଅବଗତ କରାଯାଇଥିବା ଖୁକୁନୁ ନାୟକ, ବେଙ୍ଗୁଲି ନାୟକ, ମମତା ନାୟକ, ଚାରିଆ ପଧାନ, ସାଗର ପଧାନ, ଟୁନି ନାୟକ ପ୍ରମୁଖ ସୂଚନା ଦେଇଛନ୍ତି।

### ଆଜି ନାମାଙ୍କନ ଦାଖଲ କରିବେ ଶତ୍ରୁଘ୍ନ

**ଭୁବନ, ୧।୪(ଡି.ଏନ୍.ଏ)**

ଭୁବନ ଏନ୍‌ଏସିସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ରବିବାର ଭାଜପାର ମିଶ୍ରଣପର୍ବ ଏବଂ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା ଉପସ୍ଥିତ ରହି ନିର୍ବାଚନ ରଣନୀତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଭୋଟବେଳେ ସମସ୍ତ କର୍ମୀ ଏକଜୁଟ୍ ହୋଇ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ନିର୍ବାଚନମଣ୍ଡଳୀର ୧୫ ହଜାର କର୍ମୀ ଯୋଗଦେବେ ବୋଲି ଶତ୍ରୁଘ୍ନ କହିଛନ୍ତି। ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବରିଷ୍ଠ କର୍ମକର୍ତ୍ତା ପବିତ୍ର ମୋହନ ବିଶ୍ୱାଳ, ପ୍ରେମାନନ୍ଦ ଜେନା, ମାତୃପ୍ରସାଦ ନନ୍ଦ, ପ୍ରବାଳକାନ୍ତି ସାହୁ, ମାୟାଧର ଗୁରୁଙ୍କୁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ ନିର୍ବାଚନମଣ୍ଡଳୀର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ରାଜ୍ୟ ପରିଷଦ ସଦସ୍ୟ ସନାତନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### 'ମୁଁ ବି ଚୌକିଦାର' କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳ ସହର ରଥଗଡ଼ାରେ ରବିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ 'ମୁଁ ବି ଚୌକିଦାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀର ତାଲକୋଟରା ଷ୍ଟାଡିୟମ୍‌ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫୦୦ ଲୋକ ସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବାର୍ତ୍ତାଳାପ କରିବା ସହିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଲେ, ଦୁର୍ନୀତିରେ ଲିପ୍ତ ବ୍ୟକ୍ତିଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବନାହିଁ। ଦେଶର ଆର୍ଥିକ ପ୍ରଗତି, ବିକାଶ ଲାଗି ନିରନ୍ତର ଉଦ୍ୟମ ଜାରି ରହିଛି। ମହିଳା, ଯୁବକଙ୍କୁ ଅଗ୍ରାଧିକାର ଦିଆଯାଉଛି ବୋଲି ସେ ମତବ୍ୟକ୍ତ କରିଥିଲେ। ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ଉପସଭାପତି ନବକିଶୋର ଗୁରୁ, ରଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ମାତୃ ପ୍ରସାଦ ନନ୍ଦ, ଜିଲା ଯୁବମୋର୍ଚ୍ଚା ସଭାପତି ପଦ୍ମଭୂଷଣ ସାହୁ, ମହିଳା ମୋର୍ଚ୍ଚା ସମ୍ପାଦିକା ଅନିତା ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

---

■ନିଜ ଗଡ଼ରେ ଧର୍ମେନ୍ଦ୍ରଙ୍କୁ ଝଟକା

# ପଦ୍ମ ଛାଡ଼ି ଶଙ୍ଖ ଧରିଲେ ମୁକେଶ

**ପାଲଲହଡା,୧।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ତଥା ଭାଜପା ଯୁବ ନେତା ମୁକେଶ କୁମାର ପାଳ ସୋମବାର ପଦ୍ମ ଛାଡ଼ି ଶଙ୍ଖ ଧରିଛନ୍ତି। ନିଜ ଶତାଧିକ ସମର୍ଥକଙ୍କ ସହ ସେ ନବୀନ ନିବାସ ଆସି ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ

■ଭାଜପାରୁ ଟିକେଟ ନ ମିଳିବାରୁ ଅସନ୍ତୁଷ୍ଟ ଥିଲେ

■ଦ୍ୱନ୍ଦ୍ୱରେ ପାଲଲହଡ଼ା ବିଜେଡି ନେତା, କର୍ମୀ

ସାମିଲ ହୋଇଛନ୍ତି। ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ଅଶୋକ ମହାନ୍ତିଙ୍କୁ ପ୍ରାର୍ଥୀ କରିବା ପରେ ମୁକେଶ ଅସନ୍ତୁଷ୍ଟ ଥିଲେ। ତେଣୁ ସେ ବିଜେଡିରେ ଯୋଗ ଦେବେ ବୋଲି ବହୁ ପୂର୍ବରୁ ଆଲୋଚନା ହେଉଥିଲା। ତେବେ ବିଜେଡିରେ ମୁକେଶଙ୍କ ମିଶ୍ରଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ବଡ଼ ଝଟକା ବୋଲି କୁହାଯାଉଛି। କାରଣ ପାଲଲହଡ଼ା



ନବୀନ ନିବାସରେ ମୁକେଶ ପାଳ(ବାମରୁ ଦ୍ୱିତୀୟ)।

ହେଉଛି ଧର୍ମେନ୍ଦ୍ରଙ୍କ ନିଜ ନିର୍ବାଚନମଣ୍ଡଳୀ। ଏହାଛଡ଼ା ମୁକେଶ କେନ୍ଦ୍ରମନ୍ତ୍ରୀଙ୍କ ଜଣେ ବଡ଼ ସମର୍ଥକ ଭାବେ ଜଣାଶୁଣା ଥିଲେ। ଏହି ମିଶ୍ରଣ ପର୍ବ ପରେ ବିଜେଡି ଖୁବ୍‌ଶୀଘ୍ର ପାଲଲହଡ଼ା ଓ ଆଠମଲ୍ଲିକ ପାଇଁ ପ୍ରାର୍ଥୀ ଘୋଷଣା କରିବ ବୋଲି ଚର୍ଚ୍ଚା ହେଉଥିବା ବେଳେ ଆଶାୟୀଙ୍କ ମଧ୍ୟରୁ ଦଳ କାହାକୁ ବାଛିବ ସେ ନେଇ ସ୍ଥାନୀୟ ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ଭାଜପା ଛାଡ଼ି ବ୍ଲକ ଅଧ୍ୟକ୍ଷଙ୍କ ବିଜେଡିରେ ଯୋଗଦାନ ପରେ ପାଲଲହଡ଼ା ରାଜନୀତି ଅଧିକ ସରଗରମ ହୋଇଯାଇଛି। ପୂର୍ବରୁ ଭାଜପା ଓ କଂଗ୍ରେସ ନିଜ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେଡି ଏଠାରୁ କାହାକୁ ଟିକେଟ୍ ଦେବ ତାହା ମୁଖ୍ୟତଃ ଚର୍ଚ୍ଚାର ବିଷୟ ହୋଇଛି। ପାଲଲହଡ଼ା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମହେଶ ସାହୁ ଟିକେଟ୍‌ର ବଡ଼ ଦାବିଦାର ବୋଲି କୁହାଯାଉଥିଲେ ବି ଏଠାରେ ପୂର୍ବତନ ବିଧାୟକ ରବି ପାଣି, ଯୁଧିଷ୍ଠିର ଗଡ଼ନାୟକ, ସନ୍ଦୀପ ପ୍ରଧାନଙ୍କ ସହ ଅନ୍ୟ ଆଶାୟୀଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନାହିଁ। ଏହାଛଡ଼ା ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ୫ ଜିଲା ପରିଷଦ ଜୋନରୁ ୪ଟି ଅକ୍ତିଆର କରିବା ବିଜେଡି ପାଇଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ତେଣୁ ଦଳ ଠିକ୍ ପ୍ରାର୍ଥୀ ଚୟନ ଉପରେ ଗୁରୁତ୍ୱ ଦେଉଥିବାରୁ ଏପରି ବିଳମ୍ବ ହେଉଥିବା ଆଲୋଚନା ହେଉଛି। ଏପରି ସ୍ଥିତିରେ ବ୍ଲକ ଅଧ୍ୟକ୍ଷ ମୁକେଶଙ୍କ ଯୋଗଦାନ ବିଜେଡିକୁ ଫାଇଦା ଦେଇଥିବା ବେଳେ ଭାଜପା ପାଇଁ ଅଡୁଆ ସୃଷ୍ଟି କରିଥିବା କୁହାଯାଉଛି। କାରଣ ମୁକେଶ ଭାଜପାର ଜଣେ ଭଲ ସଙ୍ଗଠକ ଥିଲେ। ପାଲଲହଡ଼ାରେ ଭାଜପାକୁ ସୁଦୃଢ଼ କରିବାରେ ସେ ପ୍ରମୁଖ ଭୂମିକା ନେଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ବଡ଼ ସମର୍ଥକ ହୋଇଥିବାରୁ ନିର୍ବାଚନମଣ୍ଡଳୀରେ ତାଙ୍କର ଦବଦବା ଥିଲା। ଦଳୀୟ ଟିକେଟ୍ ପାଇଁ ସେ ଆଶା ମଧ୍ୟ ରଖିଥିଲେ। କିନ୍ତୁ ଦଳ ପୂର୍ବଥରର ପରାଜିତ ପ୍ରାର୍ଥୀ ଅଶୋକ ମହାନ୍ତିଙ୍କୁ ପୁଣିଥରେ ପ୍ରାର୍ଥୀ କରିବା ପରେ ମୁକେଶ ନିରାଶ ହୋଇଥିଲେ। ପାଲଲହଡ଼ା ବ୍ଲକ୍ ତଥା ନିର୍ବାଚନମଣ୍ଡଳୀରେ ତାଙ୍କ ସମର୍ଥକଙ୍କ ସଂଖ୍ୟା ବେଶ୍ ଅଧିକ ହୋଇଥିବାରୁ ଏବେ ତାହାକୁ ବିଜେଡି ପୁଞ୍ଜି କରିବ, ଯାହା ଭାଜପା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଜେଡିରେ ମିଶିବା ପରେ ମୁକେଶ କହିଛନ୍ତି, ଭାଜପା ତାଙ୍କୁ ଅଣଦେଖା କରିଛି। ଏହାଛଡ଼ା ବିଜେଡି ସଭାପତିଙ୍କ କାର୍ଯ୍ୟଧାରା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି।

---

## ଭାଜପାରୁ ଇସ୍ତଫା ଦେଲେ ମୀନକେତନ



ଭୁବନେଶ୍ୱରସ୍ଥିତ ବିଜେଡି ଅଫିସରେ ମୀନକେତନ (ନବୀନ ପଟ୍ଟନାୟକଙ୍କ ବାମପାର୍ଶ୍ୱରେ)।

**ଅନୁଗୋଳ ଅଫିସ,୧।୪**

ଅନୁଗୋଳ ଭାଜପାର ଅନ୍ୟତମ ବରିଷ୍ଠ ନେତା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ମୀନକେତନ ଅମାତ ଦଳରୁ ଇସ୍ତଫା ଦେଇଛନ୍ତି। ସୋମବାର ସେ ନିଜ ଇସ୍ତଫା ପତ୍ର ରାଜ୍ୟ ଭାଜପା ସଭାପତିଙ୍କ ନିକଟକୁ ପଠାଇବା ସହ ଅନୁଗୋଳ ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂଙ୍କ ସହ ଭୁବନେଶ୍ୱରସ୍ଥିତ ପାର୍ଟି ଅଫିସ୍ ଯାଇ ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କ ସହ ରଣଜିତ ଶକ୍ତି ରଞ୍ଜନ ମିଶ୍ର, ଭୀମସେନ ଭୂତିଆ, ପ୍ରକାଶ ଧର ଓ ଦୁଷ୍ମନ୍ତ ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ନିଜ ଇସ୍ତଫା ପତ୍ରରେ ମୀନକେତନ ଦର୍ଶାଇଛନ୍ତି ଯେ, ଦଳ ତାଙ୍କ ପ୍ରତି ଅନ୍ୟାୟ କରିଛି। ସଙ୍ଗଠନ ପାଇଁ ସେ ନାଲ୍‌କୋ ଚାକିରି ଛାଡ଼ିଥିଲେ। ତୃଣମୂଳସ୍ତରରୁ ଦଳକୁ ମଜଭୁତ ପରିସ୍ଥିତିକୁ ଆଣିଥିଲେ। କିନ୍ତୁ ତାଙ୍କ ବିରୋଧରେ ଅଭିଯୋଗ ନ ଥିବା ସତ୍ତ୍ୱେ ଟିକେଟ ଦିଆଗଲା ନାହିଁ। ଏହା ତାଙ୍କୁ ମାନସିକସ୍ତରରେ ଆଘାତ ଦେଇଥିଲା। ତେଣୁ ସେ ଦଳ ଛାଡ଼ିବାକୁ ବାଧ୍ୟ ହୋଇଥିବା ମୀନକେତନ ଦର୍ଶାଇଛନ୍ତି। ମୀନକେତନଙ୍କ ବିଜେଡି ମିଶ୍ରଣ ସମ୍ପର୍କରେ ବିଜେଡି ପ୍ରାର୍ଥୀ ରଜନୀକାନ୍ତ ସିଂ ଏକ କର୍ମୀ ସମ୍ମିଳନୀରେ ସୂଚନା ଦେଇଥିଲେ। ମୀନକେତନଙ୍କ ସହ ଦିଲୀପ ପ୍ରଧାନ ଦଳରେ ଯୋଗଦେବେ ବୋଲି ସେ କହିଥିଲେ। ହେଲେ ଦିଲୀପ ଏପର୍ଯ୍ୟନ୍ତ ବିଜେଡିରେ ଯୋଗଦେଇ ନ ଥିବା ସୂଚନା ମିଳିଛି। ଏ ନେଇ ଦିଲୀପ କହିଛନ୍ତି, ଭାଜପାରେ ରହିଛି। କିନ୍ତୁ ଆଗାମୀ ଦିନରେ ଅଣଦେଖା କରାଗଲେ ଦଳ ଛାଡ଼ିବି। ସେହିପରି ରବିବାର ଛେଣ୍ଡିପଦା ଭାଜପା ପ୍ରାର୍ଥୀ ଅଗସ୍ତୀ ବେହେରା ଅସନ୍ତୁଷ୍ଟମାନଙ୍କୁ ମନାଇବା ପାଇଁ ଉଦ୍ୟମ କରିଥିଲେ। ତେବେ ଅନେକ କର୍ମୀ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବେ ବୋଲି ତାଙ୍କୁ ରୋକ୍‌ଠୋକ କହିଥିବା ଚର୍ଚ୍ଚା ହେଉଛି। ଏ ନେଇ ଜିଲା ଭାଜପା ସଭାପତି ଭାଗୀରଥୀ ପ୍ରଧାନ କହିଛନ୍ତି, ମୁକେଶ ପାଲଙ୍କ ପ୍ରତି ଦଳ ଅବହେଳା କରିନାହିଁ। ସେ ଦଳ କାହିଁକି ଛାଡ଼ିଲେ କହିପାରିବି ନାହିଁ। ମୀନକେତନଙ୍କ ସମ୍ପର୍କରେ କହିଛନ୍ତି, ସମସ୍ତ ଆଶାୟୀଙ୍କୁ ଦଳୀୟ ପ୍ରାର୍ଥୀ କରିହେବ ନାହିଁ। ପୁରୁଣା କର୍ମକର୍ତ୍ତା ଏପରି ଦଳ ଛାଡ଼ିବା ଠିକ୍ ନୁହେଁ ବୋଲି ପ୍ରଧାନ ପ୍ରକାଶ କରିଛନ୍ତି।

---

## କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ



କଂଗ୍ରେସର ସାଧାରଣ ସଭା।

**ଅନୁଗୋଳ ଅଫିସ, ୧।୪**

ଅନୁଗୋଳ ନଗର କଂଗ୍ରେସ ସଭାପତି ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ସ୍ଥାନୀୟ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ବିପ୍ଲବ କୁମାର ଜେନା, ପୂର୍ବତନ ପୌରାଧ୍ୟକ୍ଷ୍ୟ ଅକ୍ଷୟ ସାମନ୍ତ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅମ୍ବିକା ଭଞ୍ଜ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ସୁକାନ୍ତି ଦାସ, ଜିଲା କଂଗ୍ରେସ ଓବିସି ସେଲର ସଭାପତି ଜିତେନ୍ଦ୍ର ସାହୁ, କଂଗ୍ରେସ ନେତା ବଂଶୀଧର ପ୍ରଧାନ, ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁଦିପ ମିଶ୍ର, ସୁବାସ ମିଶ୍ର, ଦିବାକର ସାହୁ, କୃଷକ ସେଲ ମୁଖ୍ୟ ଉମେଶ କୁମାର ସାହୁ ପ୍ରମୁଖ ଯୋଗଦେଇ ଚଳିତ ନିର୍ବାଚନରେ ଅନୁଗୋଳ ସହରର ପ୍ରତ୍ୟେକ ୱାର୍ଡ଼ରୁ କଂଗ୍ରେସକୁ ଶକ୍ତିଶାଳୀ କରି ବିପୁଳ ସଂଖ୍ୟାରେ ବିଜୟୀ କରିବାକୁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଜେଡି ନେତା ରାଜୀବ ଜେନା, ଲଳିତ କୁମାର ବେହେରା, ଦୀପକ କୁମାର ସେଠ, ଅମିୟ କୁମାର ନାୟକ, ବାବୁ ସାମଲ, ପ୍ରମୋଦ ପ୍ରଧାନ, ମାନସ ବେହେରା, ପିୟୁଷ ବେହେରା, ରଞ୍ଜନ ରାଉତ, ସନତ ସାହୁ, ଭାବଗ୍ରାହୀ ସାହୁ ପ୍ରମୁଖ କଂଗ୍ରେସରେ ସାମିଲ କରିଥିଲେ।

---

## ବିଜେଡିର ମିଶ୍ରଣ ପର୍ବ

**ବଇଣ୍ଡା,୧।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ଆଡ଼ିକଟା ଗ୍ରାମରେ ସୋମବାର ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଲୋକ ସଭା ବିଜେଡି ପ୍ରାର୍ଥୀ ନଳିନୀ ପ୍ରଧାନ, ଆଠମଲ୍ଲିକ ଆଶାୟୀ ବିଧାୟକ ପ୍ରାର୍ଥୀ ଥିବା ରମେଶ ଚନ୍ଦ୍ର ସାଏ ଅତିଥି ଭାବେ ଯୋଗ ଦେଇଥିଲେ। ଦଳ ମଜଭୁତ ହେବାସହ କିଭଳି ଚଳିତ ନିର୍ବାଚନରେ ବିପୁଳ ସଂଖ୍ୟାରେ ବିଜୟୀ ହେବ ସେଥିପାଇଁ କର୍ମୀମାନେ ଏକଜୁଟ୍



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କାର୍ଯ୍ୟକର୍ତ୍ତା।

ହେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ନାକିଚି ସରପଞ୍ଚ ପ୍ରଶାନ୍ତ ଦିଆଣି, ବୁବୁନ ସିଂ, ରମାକାନ୍ତ ବେହେରା, ବିଜୟ ରାଉଳ, ପରମାନନ୍ଦ ପ୍ରଧାନ, ପଙ୍କଜ ବାରିକଙ୍କ ସମେତ ୧୭ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ।

---

## ନିରପେକ୍ଷତା ଅନୁଧ୍ୟାନ କରିବ ଇଲେକ୍ସନ ୱାଚ

**ଅନୁଗୋଳ ଅଫିସ, ୧।୪**

୨୦୧୯ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଦିଗରେ ସହାୟକ ହେବାକୁ ବିଶ୍ୱମାନବାଧିକାର ସଙ୍ଗଠନ ପକ୍ଷରୁ ମାନବାଧିକାର ଇଲେକ୍ସନ୍ ୱାଚ ଗଠନ କରାଯାଇଛି। ଏହି କମିଟିର ସଦସ୍ୟାସଦସ୍ୟମାନେ ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରି ଆଦର୍ଶ ଆଚରଣବିଧି ଅନୁଯାୟୀ ଅବାଧ ଓ ନିରପେକ୍ଷ ନିର୍ବାଚନ ହେଉଛି କି ନାହିଁ ତାହାର ଅନୁଧ୍ୟାନ କରି ନିର୍ବାଚନ କମିଶନଙ୍କୁ ଅବଗତ କରିବେ। ଏଥିପାଇଁ ରାଜ୍ୟରେ ମୋଟ ୧୫ଶହ ସଦସ୍ୟାସଦସ୍ୟଙ୍କୁ ନିୟୋଜିତ କରାଯାଇଛି। ଅନୁଗୋଳ ପାଇଁ ୬୦ ଜଣ ଓ ଢେଙ୍କାନାଳ ନିମନ୍ତେ ୪୦ ଜଣଙ୍କୁ ଦାୟିତ୍ୱ ଦିଆଯାଇଥିବା ସଙ୍ଗଠନର ଜାତୀୟ ସଭାପତି ଅଭିନ୍ନ ଚନ୍ଦ୍ର ହୋତା ଓ ଉପସଭାପତି ଦେବବ୍ରତ ପାଣିଗ୍ରାହୀ ରବିବାର ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନୁଗୋଳ-ଢେଙ୍କାନାଳ ଜିଲା ସଭାପତି ରାମଚନ୍ଦ୍ର ରାଉତରାୟଙ୍କୁ ରାଜ୍ୟସ୍ତରୀୟ ସଙ୍ଗଠନର ଦାୟିତ୍ୱ ନେବାକୁ ଅନୁରୋଧ କରାଯାଇଛି। ମତଦାତାମାନେ ଯେପରି ଅନ୍ୟର ପ୍ରଲୋଭନ ତଥା ଧମକ ଚମକରେ ଭୟଭୀତ ନ ହୋଇ ନିର୍ଭୀକ ଭାବେ ମତ ସାବ୍ୟସ୍ତ କରିପାରିବେ ସେଥିପାଇଁ ଏହି ମାନବାଧିକାରୀ କର୍ମୀମାନେ ଧ୍ୟାନ ଦେବେ।

## ଦୁର୍ଗମ ଇଲାକାରେ ନଜର ରଖିବାକୁ ଗୁରୁତ୍ୱ

**ଆଠମଲ୍ଲିକ,୧।୪(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କମ୍ପ୍ୟୁଟର ହଲରେ ସୋମବାର ଚଳିତ ନିର୍ବାଚନ ସଂକ୍ରାନ୍ତ ପ୍ରସ୍ତୁତି ବୈଠକ ବସିଥିଲା। ଆସନ୍ତା ୨୩ରେ ହେବାକୁ ଥିବା ଭୋଟ ଗ୍ରହଣ ପ୍ରକ୍ରିୟାରେ ଅନୁଗୋଳ ବ୍ଲକ ୯ଟି ପଞ୍ଚାୟତର ଦୁର୍ଗମ ଇଲାକାରେ ଥିବା ବୁଥ୍‌ଗୁଡିକ ଉପରେ ନଜର ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା। ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ଦୁର୍ଗମ ଅଞ୍ଚଳ ବୁଥଗୁଡିକରେ ନିୟୋଜିତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଏବଂ ଦାୟିତ୍ୱ ନେଇଥିବା ଅନ୍ୟମାନେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାହାସ ଚନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ସମରବଲ୍ଲଭ ବିଶ୍ୱାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉଦୟନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

---

## ଆଠମଲ୍ଲିକ ପାଇଁ ପ୍ରାର୍ଥୀ ଘୋଷଣା କଲା ଭାଜପା

**ଅନୁଗୋଳ ଅଫିସ,୧।୪**



ଅନୁଗୋଳ ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରୁ ୪ଟିରେ ଭାଜପା ପୂର୍ବରୁ ପ୍ରାର୍ଥୀ ଘୋଷଣା କରିସାରିଥିଲା ବେଳେ କେବଳ ଆଠମଲ୍ଲିକକୁ ଝୁଲାଇ ରଖିଥିଲା। ହେଲେ ସୋମବାର ଦଳ ଆଠମଲ୍ଲିକ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଦଳର ଜିଲା ସଭାପତି ତଥା ଗତ ଦୁଇଥର ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା ଭାଗୀରଥି ପ୍ରଧାନଙ୍କୁ ଭାଜପା ପୁଣିଥରେ ଆଠମଲ୍ଲିକରୁ ପ୍ରାର୍ଥୀ କରିଛି। ଟିକେଟ ପାଇବା ପରେ ଭାଗୀରଥି କହିଛନ୍ତି, ଆଠମଲ୍ଲିକ ହେଉଛି ଚାଷୀଙ୍କ ନିର୍ବାଚନମଣ୍ଡଳୀ। କିନ୍ତୁ ୧୯ ବର୍ଷ ହେଲା ବିଜେଡି ସରକାର ଚାଷୀଙ୍କୁ ଅଣଦେଖା କରିଛି। ତେଣୁ ଚାଷୀଙ୍କ ସମସ୍ୟା ତାଙ୍କର ମୁଖ୍ୟ ପ୍ରସଙ୍ଗ ରହିବ।

---


**ପୌରପରିଷଦ, ରାୟଗଡ଼**

ସଂଖ୍ୟା.୫୦୦୧ | ତାରିଖ.୩୦।୦୩।୨୦୧୯

**ଜନସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ରାୟଗଡ଼ ପୌରାଞ୍ଚଳର ସମସ୍ତ ଗୃହ ଟିକସଦାତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ,- ଯେଉଁମାନେ ଗୃହ ଟିକସଦେୟ ୨୦୧୮-୧୯ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପୈଠ କରିଛନ୍ତି ଆଗାମୀ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ଅଗ୍ରିମ ଟିକସ ପୈଠକରି ଓଡ଼ିଶା ପୌର ଅଧିନିୟମ,୧୯୫୦ର ଧାରା ୧୫୯ ଅନୁଯାୟୀ ଅପ୍ରେଲ୍ ମାସ ୨୦୧୯ (୦୨.୦୪.୨୦୧୯ଠାରୁ ୩୦.୦୪.୨୦୧୯) ମଧ୍ୟରେ ଶତକଡା ୧୫ (ପନ୍ଦର) ଏବଂ ମଇ ୨୦୧୯ (୦୧.୦୫.୨୦୧୯ଠାରୁ ୩୧.୦୫.୨୦୧୯ ପର୍ଯ୍ୟନ୍ତ) ଶତକଡା ୭ (ସାତ) ହାରରେ ରିହାତିର ସୁଯୋଗ ନେଇପାରିବେ। ରାୟଗଡ଼ ପୌରପରିଷଦ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, କାରଖାନା, ବ୍ୟାଙ୍କ, ରେଷ୍ଟୁରାଣ୍ଟ ଓ ଅନ୍ୟ ସମସ୍ତ ବର୍ଗର ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଶା ପୌର ଅଧିନିୟମର ଧାରା ୨୯୦ ମୁତାବକ ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ କରିବାକୁ ଅନୁରୋଧ। ଉପରୋକ୍ତ ଲାଇସେନ୍ସ ବିନା ପୌରାଞ୍ଚଳରେ ବ୍ୟବସାୟିକ କାର୍ଯ୍ୟ କରିବା ଆଇନସିଦ୍ଧ ନୁହେଁ। ଯେଉଁ ବ୍ୟବସାୟିକ ଅନୁଷ୍ଠାନ ପୂର୍ବ ବର୍ଷ ଟ୍ରେଡ ଲାଇସେନ୍ସ ପଞ୍ଜୀକରଣ କରିଛନ୍ତି, ସେମାନେ ୨୦୧୯-୨୦ ବର୍ଷ ପାଇଁ ଧାର୍ଯ୍ୟ ଫି ଦାଖଲ କରି ତାଙ୍କ ଲାଇସେନ୍ସ ପଞ୍ଜିକରଣର ନବୀକରଣ କରାଇନେବା ନିମନ୍ତେ ସୂଚିତ କରାଯାଉଅଛି।

**ଜିଲାପାଳ, ରାୟଗଡ଼ ତଥା ପ୍ରଶାସକ, ପୌରପରିଷଦ, ରାୟଗଡ଼ଙ୍କ ନିର୍ଦ୍ଦେଶକ୍ରମେ**
**ସ୍ୱା./- ନିର୍ବାହୀ ଅଧିକାରୀ, ପୌରପରିଷଦ, ରାୟଗଡ଼**

**ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର**

ନଂ. ୩୨୭୭ | ତାରିଖ: ୩୧।୦୩।୨୦୧୯

**ସର୍ବସାଧାରଣ ବିଜ୍ଞପ୍ତି**

Please inform **Income Tax Department, Odisha**
about and **Money Transactions** during General Election-2019
Whatsapp No.: 9438917915
Email ID: **generalelectionodisha2019@incometax.gov.in**

୨୦୧୯ ନିର୍ବାଚନ ସମୟରେ
ଯେ କୌଣସି **ଅର୍ଥ ଦେଣନେଣ ସମ୍ପର୍କରେ ଆୟକର ବିଭାଗ, ଓଡ଼ିଶାଙ୍କୁ**
ଦୟାକରି ସୂଚନା ଦିଅନ୍ତୁ
ହ୍ୱାଟସ୍ ଆପ୍ ନମ୍ବର: ୯୪୩୮୯୧୭୯୧୫
ଇମେଲ୍: **generalelectionodisha2019@incometax.gov.in**

**ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସମ୍ବଲପୁର**


---

## ବିଜେଡିରେ ମିଶିଲେ ଟାଉନ କଂଗ୍ରେସ ସଭାପତି

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳ ଟାଉନ କଂଗ୍ରେସ ସଭାପତି ରଞ୍ଜନ କୁମାର ନାୟକ ସୋମବାର ନିଜ ପଦବୀ ତଥା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଅପରାହ୍ନରେ ସେ ନିଜର ଶତାଧିକ ସମର୍ଥକଙ୍କ ସହ ବାଇକ୍ ଶୋଭାଯାତ୍ରା କରିବା ପରେ ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଭାଜପାର ଅଶୋକ ମହାନ୍ତି, ସରୋଜ ମଲ୍ଲିକ ମଧ୍ୟ ବିଜେଡିରେ ଯୋଗଦେଇଛନ୍ତି। ଜିଲା ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଢେଙ୍କାନାଳ କଲେଜରୁ ୧୯୯୬ରେ ଛାତ୍ର ସଂସଦ ଭାବେ ନିର୍ବାଚିତ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ରଞ୍ଜନ। ଏହାପରେ ସେ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଥିଲେ। ବିଭିନ୍ନ ସମୟରେ ତାଙ୍କୁ ଜିଲା କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ, ଯୁବ କଂଗ୍ରେସ ସଭାପତି, ଟାଉନ ଓବିସି ସେଲ ସଭାପତି, ଟାଉନ କଂଗ୍ରେସ ସଭାପତି ପଦବୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିଲା। ଚଳିତ ନିର୍ବାଚନରେ ବାରମ୍ବାର ଦଳବଦଳ କରୁଥିବା ନେତାକୁ କଂଗ୍ରେସ ପ୍ରାର୍ଥୀ କରିଛି। ଏଥିରେ ସେ ମର୍ମାହତ ଥିଲେ। ଏହାର ପ୍ରତିବାଦରେ ସେ ଦଳରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ପିସିସି ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ ପ୍ରମୁଖଙ୍କୁ ଏ ବିଷୟରେ ଅବଗତ କରାଇଥିବା କହିଛନ୍ତି।

---


**ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର**

ନଂ. ୩୨୭୬ | ତାରିଖ: ୩୧।୦୩।୨୦୧୯

**ସର୍ବସାଧାରଣ ବିଜ୍ଞପ୍ତି**

ନିର୍ବାଚନ ପରିପ୍ରେକ୍ଷୀରେ ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ସୂଚାଇ ଦିଆଯାଉଛି ଯେ, ଆସନ୍ତା ଲୋକସଭା/ ବିଧାନସଭା ନିର୍ବାଚନ ସମୟରେ ଯଦି ମତଦାତାମାନଙ୍କୁ ମଦ ଓ ଟଙ୍କାର ପ୍ରଲୋଭନ ଦେଖାଇବା କିମ୍ବା ମତଦାତାମାନଙ୍କୁ ଅସ୍ତ୍ରଶସ୍ତ୍ରର ବ୍ୟବହାର କରି ଭୟ ଦେଖାଇବାର ଦୃଷ୍ଟାନ୍ତ ଆପଣଙ୍କ ନଜରକୁ ଆସେ, ତା'ହେଲେ ଆପଣ ଜିଲ୍ଲା ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ/ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ତଥା ଜିଲ୍ଲା ଅଭିଯୋଗ ତଦାରଖ ପ୍ରକୋଷ୍ଠକୁ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବର ମାଧ୍ୟମରେ ଜଣାଇ ପାରିବେ। ସୂଚନା ଦେଇଥିବା ବ୍ୟକ୍ତି ବିଶେଷଙ୍କ ନାମ ଗୋପନ ରଖାଯିବ।

**ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସମ୍ବଲପୁର**

| | | |
|---|---|---|
| ଜିଲ୍ଲା ଅଭିଯୋଗ ତଦାରଖ ପ୍ରକୋଷ୍ଠ | ୦୬୬୩-୨୪୧୧୧୨୪ | |
| ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ (୩-ସମ୍ବଲପୁର ଲୋକସଭା) | ୬୩୭୨୭-୫୭୫୪୮ | |
| ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ (୧୫-କୁଚିଣ୍ଡା, ୧୬-ରେଙ୍ଗାଲି, ୧୭-ସମ୍ବଲପୁର ଓ ୧୮-ରେଢ଼ାଖୋଲ) ବିଧାନସଭା | ୬୩୭୨୭୫୫୧୦୦ | |
| ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୧୫-କୁଚିଣ୍ଡା ବିଧାନସଭା | ୯୪୩୭୪୭୮୨୨୧ |
| ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୧୬-ରେଙ୍ଗାଲି ବିଧାନସଭା | ୯୪୩୭୦୪୦୦୩୭ |
| ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୧୭-ସମ୍ବଲପୁର ବିଧାନସଭା | ୯୪୩୭୨୪୯୦୫୧ |
| ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ | ୧୮-ରେଢ଼ାଖୋଲ ବିଧାନସଭା | ୮୨୮୦୨୨୪୯୯୩ |

"ବାହାରିନଠାରେ ମୋର ଦ୍ୱିତୀୟ ଫର୍ମୁଲା ୱାନ୍ ରେସ୍‌ରେ ୬ଷ୍ଠ ସ୍ଥାନ ହାସଲ କରିବା କଳ୍ପନା ବାହାରେ ଥିଲା ।

–ଲାଣ୍ଡୋ ନୋରିସ, ମ୍ୟାକ୍‌ଲରେନ ଡ୍ରାଇଭର



"ଆଗକୁ ଅଲିମ୍ପିକ କ୍ୱାଲିଫାୟର ଥିବାବେଳେ ଦଳର ତ୍ରୁଟି ସଜାଡ଼ିବା ଲାଗି ମାଲେସିଆ ଟୁର୍ ଆମକୁ ସହାୟକ ହେବ ।

–ସବିତା ପୁନିଆ, ଭାରତୀୟ ମହିଳା ହକି ଅଧିନାୟିକା




## ସଂକ୍ଷେପରେ

### ବିଶ୍ୱ ସ୍କ୍ୱାଶ ର‌୍ୟାଙ୍କିଙ୍ଗ୍ ପ୍ରଥମ ଭାରତୀୟ୍ ଭାବେ ଟପ୍-୧୦ରେ ଘୋଷାଲ



**ନୂଆଦିଲ୍ଲୀ, ୧୪(ପି.ଟି.):** ପ୍ରଥମ ଭାରତୀୟ୍ ପୁରୁଷ ଖେଳାଳିଭାବେ ସୌରଭ ଘୋଷାଲ ବିଶ୍ୱ ସ୍କ୍ୱାଶ ର‌୍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ପ୍ରବେଶ କରିଛନ୍ତି। ପିଏସ୍‌ଏ ବିଶ୍ୱ ର‌୍ୟାଙ୍କିଙ୍ଗ୍ ପକ୍ଷରୁ ସଦ୍ୟ ପ୍ରକାଶିତ ତାଲିକାରେ ସୌରଭ ୨ଟି ପାହାଚ ଉପରକୁ ଉଠି ୧୦ମ ସ୍ଥାନରେ ରହିଛନ୍ତି। ୨୦୧୮-୧୯ରେ ଚିକାଗୋରେ ଅନୁଷ୍ଠିତ ପିଏସ୍‌ଏ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିଭଳି ସୁଇଜରଲାଣ୍ଡର ଜୁରିକଠାରେ ଖେଳାଯାଇଥିବା ସମ୍ମାନଜନକ ଗ୍ରାସହୁପର୍ କପ୍‌ରେ ମଧ ସୌରଭ ଅନ୍ତିମ-୮ରେ ପହଞ୍ଚି ପାରିଥିଲେ। ପୁରୁଷ ତାଲିକାରେ ଇଜିପ୍ଟର ଅଲି ଫରଗ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ପୂର୍ବରୁ ଦୁଇ ଭାରତୀୟ୍ ମହିଳା ଖେଳାଳି ଜୋସ୍ନା ଚିନାପ୍ପା ଓ ଦୀପିକା ପାଲିକଲ ତାଲିକାର ଟପ୍-୧୦ରେ ପ୍ରବେଶ କରିସାରିଛନ୍ତି। ତେବେ ସଦ୍ୟତମ ତାଲିକାରେ ଜୋସ୍ନା ୧୫ତମ ସ୍ଥାନରେ ରହିଛନ୍ତି।

### ଜାତୀୟ୍ ଭିଜି ଟ୍ରଫି ଶିବିରରେ ଓଡ଼ିଶାର ୪

**କଟକ ଅଫିସ,୧୪:** ଭାରତୀୟ୍ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୧୫ରୁ ଭିଜି ଟ୍ରଫିର ଜାତୀୟ୍ ଶିବିର ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଅନୁଷ୍ଠିତ ହେବ। ପୂର୍ବାଞ୍ଚଳ ଦଳରୁ ୫ଜଣ ଏହି ଶିବିରକୁ ମନୋନୀତ ହୋଇଥିବା ବେଳେ ଏହା ମଧ୍ୟରେ ୪ଜଣ ଓଡ଼ିଆ ଖେଳାଳି ରହିଛନ୍ତି । ଏମାନେ ହେଲେ ରାଜେଶ ଧୂପର, ଶୁଭମ ନାୟକ, ଆଶୁତୋଷ ଦାସ ଓ କାର୍ତ୍ତିକ ବିଶ୍ୱାଳ । ମାର୍ଚ୍ଚରେ ଖେଳାଯାଇଥିବା ଆନ୍ତଃ ଜୋନାଲ ଭିଜି ଟ୍ରଫିରେ ପୂର୍ବାଞ୍ଚଳ ଦଳରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ ।

### ଏସିଆନ ରୋଇଂ: ଆଜି ପ୍ରତିଯୋଗିତା ସ୍ଥଳ ଅନୁଧ୍ୟାନ

**କଟକ ଅଫିସ,୧୪:**ଜଗତପୁରସ୍ଥିତ ସାଇ ଜଳକ୍ରୀଡ଼ା କେନ୍ଦ୍ରରେ ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହରେ ଏସିଆ କପ ସିନିୟର ଓ ଏସିଆନ ଜୁନିୟର ରୋଇଂ ଚାମ୍ପିୟନଶିପ ହେବ । ଏ ନେଇ ମଙ୍ଗଳବାର ଅପରାହ୍ଣରେ ରାଜ୍ୟ ସରକାର ଓ ଭାରତୀୟ୍ ରୋଇଂ ଫେଡେରେଶନ ପକ୍ଷରୁ ପ୍ରତିଯୋଗିତାସ୍ଥଳ ଅନୁଧ୍ୟାନ କରାଯିବ । ଫେଡେରେଶନ ପକ୍ଷରୁ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ ଉପସ୍ଥିତ ରହିବେ । ବିନୋଦ ଫେଡେରେଶନର ଉପସଭାପତି ପଦବୀରେ ଅଛନ୍ତି । ଏହାଛଡ଼ା ରାଜ୍ୟ ସରକାରଙ୍କ ଉନ୍ନୟନ ଅଧିକାରୀ ଅସିତ ତ୍ରିପାଠୀ, କ୍ରୀଡ଼ା ସଚିବ ବିଶାଲ ଦେବଙ୍କ ସମେତ ଜଳ ସମ୍ପଦ ବିଭାଗ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନେ ମଧ ଅନୁଧ୍ୟାନରେ ଆସିବେ ।

## ମାଲେସିଆ ଗସ୍ତରେ ଭାରତୀୟ ମହିଳା ହକି ଦଳ

# 'ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ସହାୟକ ହେବ'

**ବେଙ୍ଗାଲୁରୁ, ୧୪**

ମାଲେସିଆ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଦ୍ୱିପାକ୍ଷିକ ହକି ସିରିଜ ଖେଳିବା ପାଇଁ ଭାରତୀୟ ମହିଳା ହକି ଦଳ ରବିବାର ରାତିରେ କୁଆଲାଲମ୍ପୁର ଯାତ୍ରା କରିଛି। ଏହି ସିରିଜ ପାଇଁ ତାରକା ଗୋଲକିପର ସବିତା ପୁନିଆ ଦଳର ଅଧିନାୟିକା ନିଯୁକ୍ତ ହୋଇଛନ୍ତି। ଭାରତୀୟ ଦଳର ମାଲେସିଆ ଗସ୍ତ ଏପ୍ରିଲ ୪ରୁ ଆରମ୍ଭ ହେବ। ଏହି ୮ ଦିନିଆ ଟୁର୍ ଦଳ ପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶାପ୍ରକାଶ କରିଛନ୍ତି ସବିତା। "ଚଳିତ ବର୍ଷ ପ୍ରାରମ୍ଭରେ ଆମେ ସ୍ପେନ ଏବଂ ଆୟର୍ଲାଣ୍ଡ ବିପକ୍ଷରେ ଆଶାନୁରୂପ ପ୍ରଦର୍ଶନ କରିଥିଲୁ। ସ୍ପେନ ଗସ୍ତରେ ଯାହା ତ୍ରୁଟି ରହିଥିଲା ଆଗାମୀ ମାଲେସିଆ ବିପକ୍ଷ ସିରିଜରେ ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବୁ। ଆସନ୍ତା ଜୁନ୍‌ରେ ଏଫଆଇଏଚ୍ ସିରିଜ ଫାଇନାଲ ଅଛି। ତେଣୁ ଆମେ ଏବେ ଯାହାବି କରୁଛୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟକୁ ଦୃଷ୍ଟି ରଖି କରୁଛୁ" ବୋଲି ସବିତା କହିଛନ୍ତି।



ଭାରତୀୟ ମହିଳା ହକି ଦଳର ଖେଳାଳି କର୍ମକର୍ତ୍ତାଙ୍କ ଗହଣରେ।

ଆହତ ସମସ୍ୟା ଯୋଗୁ ଭାରତ କେତେଜଣ ମୁଖ୍ୟ ଖେଳାଳିଙ୍କ ବିନା ମାଲେସିଆ ଗସ୍ତ କରିଛି। ଅଭିଜ୍ଞ ଷ୍ଟ୍ରାଇକର ରାଣୀ, ମିଡ୍‌ଫିଲ୍ଡର ନମିତା ଟପ୍ପୋ ଓ ଡ୍ରାଗ୍ ଫ୍ଲିକର ଗୁରଜିତ କୌର ଭାରତୀୟ ଦଳର ସଦସ୍ୟା ହୋଇପାରି ନାହାନ୍ତି। ତେଣୁ ସୁଯୋଗର ସଦ୍‌ବ୍ୟବହାର ପାଇଁ ଯୁବ ଖେଳାଳିଙ୍କ ଲାଗି ଏହା ଉପଯୁକ୍ତ ସମୟ ବୋଲି ସବିତା କହିଛନ୍ତି। "ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ଏବଂ ଯୁବ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ବେଶ୍ ସନ୍ତୁଳିତ। ଦଳର ସମସ୍ତ ସଦସ୍ୟ ନିଜ ଭୂମିକା ସମ୍ପର୍କରେ ଜାଣିଛନ୍ତି ଏବଂ ବ୍ୟକ୍ତିଗତ ଭାବେ ସେମାନଙ୍କୁ କ'ଣ କରିବାକୁ ହେବ ବୋଲି ଅବଗତ ଅଛନ୍ତି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ ହେବାକୁ ଏହି ଟୁର୍ ନିଶ୍ଚିତ ସହାୟକ ହେବ" ବୋଲି ସବିତା କହିଛନ୍ତି।

### ରାହାନେ ଦଣ୍ଡିତ



**ଚେନ୍ନାଇ,୧୪ (ପିଟି):** ରାଜସ୍ଥାନ ରୟାଲ୍ସ ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ଦଣ୍ଡିତ କରାଯାଇଛି। ରବିବାର ଏଠାରେ ଖେଳାଯାଇଥିବା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ମ୍ୟାଚ୍‌ରେ ଧୀମା ବୋଲିଂ ହାର ପାଇଁ ତାଙ୍କୁ ଆର୍ଥିକ ଦଣ୍ଡ ଦିଆଯାଇଛି। ତାଙ୍କୁ ଏବେ ୧୨ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଚଳିତ ସିଜନରେ ଦଳ ପ୍ରଥମଥର ପାଇଁ ଏଭଳି ତ୍ରୁଟି କରିଥିବାରୁ ରାହାନେଙ୍କୁ ଦଣ୍ଡିତ କରାଯାଇଥିବା ଆଇପିଏଲ ପକ୍ଷରୁ କୁହାଯାଇଛି। ରୟାଲ୍ସ ଏପର୍ଯ୍ୟନ୍ତ କ୍ରମାଗତ ୩ ମ୍ୟାଚ୍‌ରେ ପରାଜିତ ହୋଇସାରିଛି। ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଭେଟିବ।

# ଫେଡରରଙ୍କୁ ମାୟାମି ଟାଇଟଲ




ମାୟାମି ଓପନ ଟ୍ରଫି ସହ ରୋଜର ଫେଡରର।

**ମାୟାମି,୧୪**

ସୁଇଜରଲାଣ୍ଡର କିମ୍ବଦନ୍ତୀ ଟେନିସ୍ ଖେଳାଳି ରୋଜର ଫେଡରର କ୍ୟାରିୟରର ୧୦୧ତମ ଟାଇଟଲ ହାସଲ କରିଛନ୍ତି। ରବିବାର ଖେଳାଯାଇଥିବା ଏଟିପି ମାୟାମି ଓପନ ଟୁର୍ନାମେଣ୍ଟରେ ସେ ଡିଫେଣ୍ଡିଂ ଚାମ୍ପିୟନ ଜନ ଇସ୍ନରଙ୍କୁ ହରାଇ ଦେଇଛନ୍ତି। ଗତ ଦୁଇବର୍ଷ ହେଲା କ୍ଲେ କୋର୍ଟରେ ଖେଳୁ ନ ଥିବା ଫେଡରର ୬-୧, ୬-୪ ସେଟ୍‌ରେ ମ୍ୟାଚ୍ ଜିତି ନେଇଛନ୍ତି। ବିଜୟ ଲାଗି ତାଙ୍କୁ ୬୩ ମିନିଟ୍ ଲାଗିଥିଲା। ଏହା ତାଙ୍କ କ୍ୟାରିୟରର ୫୦ତମ ଏଟିପି ମାଷ୍ଟର୍ସ ଟାଇଟଲ। ଏହି ବିଜୟ ସତ୍ତ୍ୱେ ପରବର୍ତ୍ତୀ ମାଷ୍ଟର୍ସ ଟୁର୍ନାମେଣ୍ଟ ମଣ୍ଟେ କାର୍ଲୋରେ ଖେଳିବେ ସେ ନାହିଁ। ମାଡ୍ରିଡ୍ ଓ ଫ୍ରେଞ୍ଚ ଓପନ୍‌ରେ ଖେଳିବା ନେଇ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ପୁରୁଷ ସିଙ୍ଗଲ୍ସ ବର୍ଗରେ ସର୍ବାଧିକ ସଂଖ୍ୟକ ଏଟିପି ଟାଇଟଲ ଜିତିବାରେ ଜିମ୍ମି କନର୍ସ(୧୦୯)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

#### ଚତୁର୍ଥ ସ୍ଥାନକୁ ଉଠିଲେ

ସୋମବାର ଏଟିପି ର‌୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି ଏଥିରେ ରୋଜର ଫେଡରର ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥ ସ୍ଥାନରେ ରହିଛନ୍ତି। ମାୟାମିଠାରେ ଜନ୍ ଇଜନରଙ୍କୁ ହରାଇ ତାଙ୍କ କ୍ୟାରିୟରର ୧୦୧ତମ ଟାଇଟଲ ଜିତିବା ପରେ ସୁଇଜରଲାଣ୍ଡର ମହାନ ଖେଳାଳିଙ୍କୁ ଏହି ପଦୋନ୍ନତି ମିଳିଛି। ପୂର୍ବରୁ ଚତୁର୍ଥ ସ୍ଥାନରେ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ରହିଥିଲେ। ଦୁଇ ସପ୍ତାହ ପୂର୍ବେ ଇଣ୍ଡିଆନ ୱେଲ୍ସ ଫାଇନାଲରେ ଫେଡରରଙ୍କୁ ହରାଇବା ପରେ ସେ ଏହି ସ୍ଥାନ ଅଧିକାର କରିଥିଲେ। ଉଦୀୟମାନ ଗ୍ରୀକ୍ ଷ୍ଟାର ଷ୍ଟିଫାନସ ଟିସିଟ୍‌ସିପାସ୍ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନ ହାସଲ କରିପାରିଥିବାବେଳେ କାନାଡ଼ାର ସ୍ୱଳ୍ପ ବୟସ୍କ ଡେନିସ ଶାପୋଭାଲୋଭ ପ୍ରଥମ ଥର ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି।

# ଭାରତକୁ କ୍ରମାଗତ ୩ୟ ଟେଷ୍ଟ ଚାମ୍ପିୟନଶିପ ମେସ୍

**ଦୁବାଇ,୧୪(ପିଟି)**

ଭାରତୀୟ ଦଳ ଚଳିତ ସିଜନର ଆଇସିସି ଟେଷ୍ଟ ଚାମ୍ପିୟନଶି ମେସ୍ (ଗଦା) ହାସଲ କରିଛି। ଏଥିସହିତ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଏକ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ମିଳିଛି। ଏହାର ମଲ୍ୟ ୬.୯୨ କୋଟି ଟଙ୍କା। କ୍ରମାଗତ ୩ୟ ବର୍ଷ ପାଇଁ ଭାରତ ଏହି ସଫଳତା ପାଇଛି। ଧାର୍ଯ୍ୟ ତାରିଖ ଏପ୍ରିଲ ୧ ତାରିଖ ସୁଦ୍ଧା ଭାରତ ଟେଷ୍ଟ ଦଳଗତ ର‌୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ତାଲିକାର ଦ୍ୱିତୀୟ ସ୍ଥାନରେ ନ୍ୟୁଜିଲାଣ୍ଡ ରହିଥିବା ଆଇସିସି ପକ୍ଷରୁ ସୋମବାର କୁହାଯାଇଛି। ପୁନଃ ଆଇସିସି ଟେଷ୍ଟ ଚାମ୍ପିୟନଶିପ ଗଦା ହାତେଇବା ଆମ ପାଇଁ ଗର୍ବର ବିଷୟ। ଆମ ଦଳ ପ୍ରତ୍ୟେକ ଫର୍ମାଟରେ ଭଲ ପ୍ରଦର୍ଶନ କରୁଛି। କିନ୍ତୁ ଟେଷ୍ଟ ଫର୍ମାଟର ଗୁରୁତ୍ୱ ଆମେ ଜାଣିଛୁ ବୋଲି ଭାରତୀୟ ଅଧିନାୟକ କୋହଲି କହିଛନ୍ତି। ନ୍ୟୁଜିଲାଣ୍ଡ ଦଳ ଭାରତଠାରୁ ୮ ପଏଣ୍ଟ ପଛରେ ରହିଛି। ଗତ ବର୍ଷ ଆଇସିସି ସ୍ପିରିଟ୍ ଅଫ୍ କ୍ରିକେଟ ପୁରସ୍କାର ପାଇଥିବା କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ (୧୦୮) ଦଳକୁ ୫୦୦ ହଜାର ଡଲାର ଦିଆଯାଇଛି। ପୂର୍ବରୁ କ୍ରମାଗତ ଦୁଇ ବର୍ଷ ଦ୍ୱିତୀୟ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ଚଳିତ ସିଜନରେ ୧୦୫ ପଏଣ୍ଟ ସହ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହା ପଛକୁ ୪ର୍ଥ ସ୍ଥାନ ଅଷ୍ଟ୍ରେଲିଆ (୧୦୪) ଅଧିକାର କରିଛି। ତାଲିକାର ୩ୟ ଓ ୪ର୍ଥ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆକୁ ଯଥାକ୍ରମେ ୨୦୦ ଓ ୧୦୦ ହଜାର ଡଲାର ଦିଆଯାଇଛି।




ଆର୍ଜେଣ୍ଟିନା ମୋଟୋଜିପି ଟାଇଟଲ ଜିତିବା ପରେ ମାର୍କ ମାର୍କ୍ୱେଜ (ବାମ)।

# ମାର୍କ୍ୱେଜଙ୍କୁ ୪୫ତମ ମୋଟୋଜିପି ଟାଇଟଲ

**ଟର୍ମାସ ଡି ରିଓ ହୋଣ୍ଡୋ (ଆର୍ଜେଣ୍ଟିନା), ୧୪ (ପି.ଟି.)**

ପ୍ରତିଦ୍ୱନ୍ଦ୍ୱୀ ଭାଲେଣ୍ଟିନୋ ରୋସିଙ୍କୁ ପଛରେ ପକାଇ ବିଶ୍ୱ ଚାମ୍ପିୟନ ମାର୍କ ମାର୍କ୍ୱେଜ ଏଠାରେ ଆର୍ଜେଣ୍ଟିନା ମୋଟୋଜିପି ଟାଇଟଲ ଜିତିଛନ୍ତି। ମାର୍କ୍ୱେଜ ତାଙ୍କ ହୋଣ୍ଡା ଆରସି୨୧୩ଭି'ରେ ପ୍ରଭାବୀ ପ୍ରଦର୍ଶନ ସହ ଏଲିଟ୍ ଶ୍ରେଣୀରେ ତାଙ୍କ କ୍ୟାରିୟରର ୪୫ତମ ଟାଇଟଲ ହାସଲ କରିଛନ୍ତି। ରୋସି (ୟାମା ରାଇଡର)ଙ୍କଠାରୁ ସେ ୧୦ ସେକେଣ୍ଡ ଆଗରେ ତାଙ୍କ ରେସ୍ ଶେଷ କରିଥିଲେ। କାତାରରେ ସିଜନ ଓପନର ଜିତିଥିବା ଆନ୍ଦ୍ରିଆ ଡୋଭିଜିଓସୋଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଦୁଇ ରାଉଣ୍ଡ ପରେ ୪୫ ପଏଣ୍ଟ ସହ ମାର୍କ୍ୱେଜ ୨୦୧୯ ଚାମ୍ପିୟନଶିପ୍‌ରେ ଅଗ୍ରଣୀ ରହିଛନ୍ତି। ମାର୍କ୍ୱେଜଙ୍କ ଟିମ୍‌ମେଟ୍ ଜର୍ଜ ଲରେଞ୍ଜୋ ୧୨ଶ ସ୍ଥାନ ସହ ତାଙ୍କ ରେସ୍ ଶେଷ କରିଥିଲେ। ସୋମବାର ଏହି ବିଜୟ ସହ ହୋଣ୍ଡା କନଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍‌ରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ମୋଟୋଜିପି ବିଶ୍ୱ ଚାମ୍ପିୟନଶିପ୍‌ର ତୃତୀୟ ରାଉଣ୍ଡ ଅଷ୍ଟିନର ଟେକ୍ସାସଠାରେ ଏପ୍ରିଲ ୧୨ରୁ ୧୪ ପର୍ଯ୍ୟନ୍ତ ହେବ।

# ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଚୟନ ଟ୍ରାଏଲ ଆଜିଠାରୁ

**ଭୁବନେଶ୍ୱର, ୧୪(କ୍ରୀଡ଼ା ପ୍ରତିନିଧି)**

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ୩ଟି କ୍ରୀଡ଼ାର ଚୟନ ଟ୍ରାଏଲ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ସମୟରେ ମୁଖ୍ୟତଃ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀଙ୍କ ମଧ୍ୟରେ ଆର୍ଚେରୀ, ଆଥଲେଟିକ୍ସ ଓ ଟେବୁଲ ଟେନିସ (୩ଟି ବିଭାଗର ମହିଳା, ପୁରୁଷ)ଇଭେଣ୍ଟର ଟ୍ରାଏଲ୍ ଅନୁଷ୍ଠିତ ହେବ। ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଇଟାଲିର ନାପୋଲିଠାରେ ଜୁଲାଇ ୩ରୁ ୧୪ ପର୍ଯ୍ୟନ୍ତ ହେବ। ଏଥିପାଇଁ ଶ୍ରେଷ୍ଠ ତୀରନ୍ଦାଜ, ଆଥଲେଟ୍ ଏବଂ ଟେବୁଲ ଟେନିସ ଖେଳାଳି ଏହି ଚୟନ ଟ୍ରାଏଲରୁ ମନୋନୀତ ହେବେ। ଭାରତର ୩୬ଟି ବିଶ୍ୱବିଦ୍ୟାଳୟରୁ ୨୪୦ ଖେଳାଳି ଏହି ଚୟନ ଟ୍ରାଏଲରେ ଭାଗନେବେ।

ଆର୍ଚେରୀ ଇଭେଣ୍ଟ ଉଭୟ ମହିଳା ଓ ପୁରୁଷ ବିଭାଗରେ ରିକର୍ଭ ଓ କମ୍ପାଉଣ୍ଡ ବିଭାଗରେ ଅନୁଷ୍ଠିତ ହେବ। ସେହିପରି ଆଥଲେଟିକ୍ସରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୫୦୦୦ ଓ ୧୦,୦୦୦ ମିଟର, ୨୦ କିଲୋମିଟର ଚାଲି, ହାଫ୍ ମାରାଥନ(ବ୍ୟକ୍ତିଗତ ଓ ଦଳଗତ), ୧୧୦ ମିଟର ଓ ୪୦୦ ମିଟର ହର୍ଡଲ୍ସ, ୩୦୦୦ ମିଟର ଷ୍ଟିପଲ ଚେଜ୍, ୪ ଗୁଣା ୧୦୦ ଓ ୪ ଗୁଣା ୪୦୦ ମିଟର ରିଲେ ରେସ୍, ହାଇ ଜମ୍ପ, ପୋଲ ଭଲ୍ଟ, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ୍, ଡିସ୍‌କସ୍, ହାମର ଓ ଜାଭେଲିନ୍ ଥ୍ରୋ ଏବଂ ଡେକାଥଲନ ଇଭେଣ୍ଟରେ ଚୟନ ଟ୍ରାଏଲ୍ ହେବ। ସେହିପରି ଟେବୁଲ ଟେନିସ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟରେ ଆୟୋଜିତ ହେବ। ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ, ହେପ୍‌ଟାଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମଙ୍କ ପରି ବିଭିନ୍ନ ବିଶ୍ୱବିଦ୍ୟାଳୟର ଅନେକ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଥଲେଟ୍ ଏହି ଟ୍ରାଏଲ୍‌ରେ ଅଂଶଗ୍ରହଣ କରିବେ। ଦୂତୀ ଓ ପୂର୍ଣ୍ଣିମା କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

### ଦୁବାଇ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାରୁ ୩ ଭାଗନେବେ

**ଭୁବନେଶ୍ୱର, ୧୪(କ୍ରୀଡ଼ା ପ୍ରତିନିଧି)**

ଦୁବାଇର ଅଲ୍ ଅହଲି ସ୍ପୋର୍ଟ୍ସ ହଲ୍‌ରେ ୨ୟ ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଚଳିତମାସ ୨ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଦେଶରୁ ୨୭୫ ପ୍ରତିଯୋଗୀ ଭାଗନେବେ। ଏଥିପାଇଁ ଘୋଷିତ ୩୮ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ପ୍ରମୋଦ ଭଗତ, ଦିଲେଶ୍ୱର ରାଓ ଏବଂ ଦୀପ ରଞ୍ଜନ ବିଶୋଇ।




କଳିଙ୍ଗ ଷ୍ଟାଡ଼ିୟମ୍‌ରେ ସୋମବାର ରିୟଲ୍ କଶ୍ମୀର ଓ ଆଟ୍‌ଲେଟିକୋ ଡି କୋଲ୍‌କାତା ମଧ୍ୟରେ ଅନୁଷ୍ଠିତ ସୁପର୍‌କପ୍ ପ୍ରି-କ୍ୱାର୍ଟର ଫାଇନାଲ୍ ମ୍ୟାଚ୍।

# ସୁପର କପ୍ ଫୁଟବଲ: କ୍ୱାର୍ଟରରେ ଏଟିକେ

**ଭୁବନେଶ୍ୱର, ୧୪(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ରିୟଲ କଶ୍ମୀରକୁ ୩-୧ ଗୋଲରେ ହରାଇ ଆଟଲେଟିକୋ ଡି କୋଲକାତା(ଏଟିକେ) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏଟିକେ ଏପ୍ରିଲ ୫ରେ ହେବାକୁଥିବା କ୍ୱାର୍ଟର ଫାଇନାଲରେ ଦିଲ୍ଲୀ ଡାଇନାମସକୁ ଭେଟିବ। ଡାଇନାମସ ଯୋଗ୍ୟତା ପର୍ଯ୍ୟାୟରେ ଗୋକୁଲମ କେରଳଠାରୁ ଏବଂ ପ୍ରି-କ୍ୱାର୍ଟରରେ ଇଷ୍ଟବେଙ୍ଗଲଠାରୁ ୱାକଓଭର ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ମ୍ୟାଚ ଆରମ୍ଭରୁ ଉଭୟ ଏଟିକେ ଓ ରିୟଲ କଶ୍ମୀର ଆକ୍ରମଣାତ୍ମକ ଖେଳିଥିଲେ। ଉଭୟ ଦଳ କେତେକଥର ଗୋଲ ଦେବାର ନିକଟତର ହୋଇଥିଲେ ମଧ ୨୫ ମିନିଟ ପର୍ଯ୍ୟନ୍ତ ମ୍ୟାଚ ଗୋଲଶୂନ୍ୟ ରହିଥିଲା। ତେବେ ୨୬ତମ ମିନିଟରେ ମାନୁଏଲ ଲାଞ୍ଜାରୋଟେଙ୍କଠାରୁ ପାଇଥିବା ପରଫେକ୍ଟ ପାସ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ବଲୱନ୍ତ ସିଂ। ଫଳରେ ଏଟିକେ ୧-୦ରେ ଅଗ୍ରଣୀଲାଭ କରିଥିଲା। ୨୮ତମ ମିନିଟରେ ପ୍ରିତମ କୋଟାଲଙ୍କଠାରୁ ଭଲ ପାସ୍ ପାଇଥିଲେ ହେଁ ଇଡୁ ଗ୍ରାସିଆ ତାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ୩୧ତମ ମିନିଟରେ ଗୋଲ ପରିଶୋଧ କରି ରିୟଲ କଶ୍ମୀର ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାସନ ରବର୍ଟସନ ଦଳ ପକ୍ଷରୁ ଏହି ଗୋଲଟି ସ୍କୋର କରିଥିଲେ।

ପ୍ରଥମାର୍ଦ୍ଧ ଶେଷସୁଦ୍ଧା ସ୍ଥିତି ୧-୧ରେ ରହିବାରୁ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ସ୍ୱାଭାବିକ ଭାବେ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଗ୍ରଣୀ ନେବାପାଇଁ ଉଭୟ ଦଳ ଉଦ୍ୟମ କରି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଫିନିଶିଂ ଅଭାବରୁ ତାହା ଗୋଲରେ ପରିଣତ ହୋଇପାରି ନ ଥିଲା। ତେବେ ଏଟିକେ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ୭୯ତମ ମିନିଟରେ ଇଡୁ ଗ୍ରାସିଆଙ୍କ କର୍ନର ଶଟ୍‌କୁ ବକ୍ସ ମଧ୍ୟରେ ଅପେକ୍ଷା କରିଥିବା ଲାଞ୍ଜାରୋଟେ ଗୋଲରେ ପରିଣତ କରିବାରୁ ଦଳ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ଚାପର ବଶବର୍ତ୍ତୀ ହୋଇଥିବା ରିୟଲ କଶ୍ମୀର ଗୋଲ ପରିଶୋଧ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲା। ୮୩ତମ ମିନିଟରେ ବଦଳ ଖେଳାଳି ଏଭର୍ଟନ ସାଣ୍ଟୋସ ଗୋଲ ଦେବାରୁ ଏଟିକେର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ଏଥିସହ ଦଳର ବିଜୟ ଏକପ୍ରକାର ନିଶ୍ଚିତ ହୋଇ ଯାଇଥିଲା। ନିର୍ଦ୍ଧାରିତ ସମୟ ଏବଂ ୫ ମିନିଟର ଇଞ୍ଜୁରି ଟାଇମ୍‌ରେ ଫଳ ସମାନ ରହିବାରୁ ଏଟିକେ ବିଜୟଲାଭ କରିଥିଲା। ଗତ ଆଇଏସଏଲ ସିଜନରେ ଏଟିକେ ୧୮ ମ୍ୟାଚରୁ ୨୪ ପଏଣ୍ଟ ସହିତ ୬ଷ୍ଠ ସ୍ଥାନ ଅଧିକାର କରିଥିଲା। ଅନ୍ୟପକ୍ଷରେ ରିୟଲ କଶ୍ମୀର ଆଇ-ଲିଗ୍ ପଏଣ୍ଟ ଟେବୁଲରେ ୩ୟ ସ୍ଥାନରେ ରହି ସିଜନ ଶେଷ କରିଥିଲା। ଦଳ ୧୯ ମ୍ୟାଚରୁ ୧୦ ବିଜୟ ସହ ୩୬ ପଏଣ୍ଟ ପାଇଥିଲା। ମାତ୍ର ଏଠାରେ ଦଳ ସେହି ପ୍ରଦର୍ଶନକୁ ଦୋହରାଇ ପାରି ନ ଥିଲା।

